# ବୈତରଣୀ ନଦୀବନ୍ଧ ସୁଦୃଢ଼ୀକରଣ ନାଁରେ ଦୁର୍ନୀତି

ଅସୁରାଳି, ୧୦।୫(ସମିସ)



ବର୍ଷା ଋତୁ ପାଖେଇ ଆସୁଥିବାବେଳେ ବୈତରଣୀ ନଦୀର ଦୁର୍ବଳ ନଦୀବନ୍ଧକୁ ନେଇ ଆଖୁଆପଦା ଅଞ୍ଚଳବାସୀଙ୍କ ମଧ୍ୟରେ ଛନକା ପଶିଛି। ଜଳସମ୍ପଦ ବିଭାଗ ଗାନ୍ଧୀ ଘାଟ ସେକ୍ସନ ଅଧୀନରେ ପ୍ରାୟ ୨ କୋଟି ଟଙ୍କା ବ୍ୟୟରେ ଚାଲିଥିବା ନଦୀବନ୍ଧ ସୁଦୃଢ଼ୀକରଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ଗୁରୁତର ଅଭିଯୋଗ ଉଠିଛି। ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ସଲାସୁତରାରେ ନିୟମକୁ ଜଳାଞ୍ଜଳି ଦେଇ କାର୍ଯ୍ୟ ଚାଲିଥିବାବେଳେ ଏହା ଆଗାମୀ ବନ୍ୟା ସମୟରେ ମହାବିପଦକୁ ଆହ୍ୱାନ କରୁଛି।

ସୂଚନା ଅନୁଯାୟୀ, ପାଳସାହି ପଞ୍ଚାୟତର ତେଲିପାଟଣାଠାରୁ ଗଡ଼ଗଡ଼ି, ସାହୁସାହି ଏବଂ ସୁନ୍ଦରପୁର ପଞ୍ଚାୟତ ଦେଇ ଯାଇଥିବା ନଦୀବନ୍ଧରେ ମାଟି ପକାଯାଉଛି। ସରକାରୀ ନିୟମ ଅନୁସାରେ, ଗୋଟିଏ ପୁଛ ମାଟି ପକାଇବା ପରେ ହାଇଡ୍ରୋଲିକ୍ ମେସିନ ବା ରୋଲର ସାହାଯ୍ୟରେ ତାହାକୁ ଭଲଭାବେ ରୋଲିଂ କରି ସୁଦୃଢ଼ କରାଯିବା କଥା। ଏହାପରେ ହିଁ ଦ୍ୱିତୀୟ ପୁଛ ମାଟି ପଡ଼ିବା ନିୟମ ରହିଛି। ମାତ୍ର ଏଠାରେ ଠିକାଦାର ନିଜ ମନମାନୀ ଚଲାଇ କେବଳ ଟ୍ରାକ୍ଟରରେ ମାଟି ଢାଳି ତାହାକୁ ଖେଳେଇ ସମତଳ କରିଦେଉଛନ୍ତି। ରୋଲିଂ କରାଯାଉ ନ ଥିବାରୁ ମାଟି ଦବି ରହିନାହିଁ, ଯାହାକି ସାମାନ୍ୟ ବର୍ଷା ବା ବନ୍ୟା ଜଳରେ ଧୋଇଯିବାର ଆଶଙ୍କା ରହିଛି। କୌଣସି ବି ସରକାରୀ କାର୍ଯ୍ୟ ହେଲେ ସେଠାରେ ପ୍ରକଳ୍ପର ବ୍ୟୟ ଅଟକଳ ଓ ବିବରଣୀ

**ବିପଦରେ ଜନଜୀବନ; ନାହିଁ ସୂଚନାଫଳକ**

ସମ୍ପର୍କିତ ସୂଚନା ଫଳକ ରହିବା ବାଧ୍ୟତାମୂଳକ। କିନ୍ତୁ ଏହି ୨କୋଟି ଟଙ୍କାର କାମରେ କେଉଁଠି ହେଲେ ସୂଚନାଫଳକ ଲଗାଯାଇନାହିଁ। କାମରେ ସ୍ୱଚ୍ଛତା ନ ଥିବାରୁ ଏବଂ ଅଞ୍ଚଳବାସୀଙ୍କୁ ଅନ୍ଧାରରେ ରଖି ହରିଲୁଟ୍ କରିବା ପାଇଁ ଏଭଳି ଚକ୍ରାନ୍ତ କରାଯାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ବୈତରଣୀର ଉତ୍ତର ପାର୍ଶ୍ୱ ନଦୀବନ୍ଧ ଅତି ବିପଦପୂର୍ଣ୍ଣ ଅବସ୍ଥାରେ ଥିବାବେଳେ ଏଭଳି ନିମ୍ନମାନର କାର୍ଯ୍ୟକୁ ଅଞ୍ଚଳବାସୀ ତୀବ୍ର ବିରୋଧ କରିଛନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଧ୍ୟାନ ଦେଇ ଏଷ୍ଟିମେଟ୍ ଅନୁସାରେ କାମ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ ବିମଳ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, କାର୍ଯ୍ୟର ଅନୁଧ୍ୟାନ କରାଯିବ ଏବଂ ଯଦି କିଛି ତ୍ରୁଟି ମିଳେ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏବେ ଦେଖିବାକୁ ବାକି ରହିଲା, ପ୍ରଶାସନ କେବଳ ପ୍ରତିଶ୍ରୁତି ଦେଉଛି ନା ବୈତରଣୀ କୂଳିଆଙ୍କ ସୁରକ୍ଷା ପାଇଁ କାର୍ଯ୍ୟରେ ସଂସ୍କାର ଆଣୁଛି।

# ଫାଟିଗଲାଣି ନଳକୂଅ ପ୍ଲାଟ୍‌ଫର୍ମ

ବାରିକପୁର, ୧୦।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ସରକାରୀ ନଳକୂଅ ଏବେ ଲୋକମାନଙ୍କୁ ଶତପ୍ରତିଶତ ପାନୀୟ ଜଳ ଯୋଗାଇପାରୁ ନାହିଁ। କେଉଁଠି ନଳକୂଅ ଅଚଳ ଅବସ୍ଥାରେ ରହିଛି ତ ପୁଣି କେଉଁଠି ବର୍ଷେ ଦୁଇ ବର୍ଷ ମଧ୍ୟରେ ନିର୍ମାଣ ହୋଇଥିବା ପ୍ଲାଟ୍‌ଫର୍ମ ଫାଟିଗଲାଣି। ଏପରିକି ଅନେକ ସ୍ଥାନରେ ନଳକୂଅ ଜଳସ୍ତର ମଧ୍ୟ ଧୀରେ ଧୀରେ ହ୍ରାସ ପାଉଛି। ବ୍ଲକ ଅଞ୍ଚଳରେ ମେଗା ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ଫେଲ୍ ମାରିଥିବାବେଳେ ଲୋକଙ୍କ ଭରସା ପାଲଟିଛି ପାଖାପାଖି ୩ ହଜାର ସରକାରୀ ନଳକୂଅ। ଏପରିସ୍ଥଳେ ନଳକୂଅ ମରାମତି ଜରୁରୀ ହୋଇଛି। ବ୍ୟକ୍ତିଗତ ଜଳଉତ୍ସକୁ ଛାଡ଼ିଦେଲେ ଗାଁ ଗଣ୍ଡାରେ ସାମୂହିକ ଜଳ ସମସ୍ୟା ଦୂରୀକରଣ ପାଇଁ ସରକାରୀ ନଳକୂଅ ରହିଛି। ପ୍ରଶାସନିକସ୍ତରରେ ଏଗୁଡ଼ିକର ରକ୍ଷଣାବେକ୍ଷଣ ତଥା ମରାମତି ପାଇଁ ପଞ୍ଚାୟତଗୁଡ଼ିକୁ ଦାୟିତ୍ୱ ଦିଆଯାଇଛି। ବିଶେଷ କରି ଦେବଦେବୀ ପୀଠ ସମେତ ଗାଁ ଛକ ଓ ସାହି ବସ୍ତିରେ ଥିବା ଅନେକ ନଳକୂଅ ରହିଛି। ସମ୍ପ୍ରତି ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାବେଳେ ପାଣିର ଆବଶ୍ୟକତା ଢେର୍ ବଢ଼ିଯାଇଛି। ତେଣୁ ଜରାଜୀର୍ଣ୍ଣ ଓ ଅଚଳ ଅବସ୍ଥାରେ ଥିବା ନଳକୂଅ ଉପରେ ଦୃଷ୍ଟି ଦେବାକୁ ଦାବି ହୋଇଛି।



# ବାଣ ଫୁଟି ୨ ଭଉଣୀ ଗୁରୁତର

ଭଦ୍ରକ, ୧୦।୫(ସମିସ): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା କାଁପଡ଼ା ପଞ୍ଚାୟତ ଅଧୀନ ଦପା ଗାଁରେ ରବିବାର ଅଫୁଟା ବାଣ ଫୁଟି ୨ ଭଉଣୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଉଛନ୍ତି ଫକୀର ଦାସଙ୍କ ଝିଅ ଲକ୍ଷ୍ମୀ (୮) ଓ ସଖୀ (୫)। ଜଣାଯାଇଛି ଯେ, ଶନିବାର ରାତିରେ ଗ୍ରାମରେ ଏକ ବିବାହ ଶୋଭାଯାତ୍ରାରେ ରୋଷଣି ଜଳାଯିବା ସହିତ ବାଣ ଫୁଟା ଯାଇଥିଲା। ତେବେ ବାଣ ଭିତରୁ କିଛି ଅଫୁଟା ରହିଯାଇଥିଲା। ଲକ୍ଷ୍ମୀ ଓ ସଖୀ ସେହି ବାଣରେ ନିଆଁ ଲଗାଇ ଫୁଟାଉଥିବା ବେଳେ ହଠାତ୍ ନିଆଁ ଉଠି ୨ ଭଉଣୀଙ୍କ ମୁହଁ ଜଳିଯାଇଥିଲା। ଫଳରେ ସେମାନେ ଗୁରୁତର ହେବାରୁ ୨ ଭଉଣୀଙ୍କୁ ଚିକିତ୍ସା ନିମନ୍ତେ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି।

# ସରକାରୀ ଶିକ୍ଷକଙ୍କ ଟ୍ୟୁସନ ନିଶା; ସରକାରଙ୍କ ନିର୍ଦ୍ଦେଶକୁ ଫୁ

● ଜିଲ୍ଲା ଶିକ୍ଷାଧିକାରୀ ସବୁ ଜାଣି ଅଜଣା

ଧାମନଗର, ୧୦।୫(ସମିସ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କୌଣସି ସରକାରୀ ଶିକ୍ଷକ ଘରୋଇ ଟ୍ୟୁସନ କରିପାରିବେ ନାହିଁ କି କୋଚିଂ ସେଣ୍ଟର ଖୋଲି ପାଠ ପଢ଼ାଇ ପାରିବେନାହିଁ। ଏହି ଆଦେଶକୁ ସରକାରୀ ଶିକ୍ଷକମାନେ ଖୁଲମଖୁଲା ଉଲ୍ଲଂଘନ କରୁଛନ୍ତି ବୋଲି ଗଣମାଧ୍ୟମ ଆଗରେ ଅଭିଭାବକ ଓ ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ କରି ଅଭିଯୋଗ କରିଛନ୍ତି। ଜିଲ୍ଲା ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା ଧାମନଗର ଓ ଅନ୍ୟ ବ୍ଲକ ଅଧୀନସ୍ଥ ବିଭିନ୍ନ ବିଦ୍ୟାଳୟରେ ସରକାରୀ ଚାକିରି କରିଥିବା ଶିକ୍ଷକମାନେ ବିଦ୍ୟାଳୟରେ ପିଲାମାନଙ୍କୁ ଯାହା ପାଠ ପଢ଼ାଉଛନ୍ତି, ତାହା ତ ଜିଲ୍ଲା ଶିକ୍ଷାଧିକାରୀ ବେଶ୍ ଭଲ ଭାବରେ ଜାଣିଛନ୍ତି। ଜିଲ୍ଲା ଶିକ୍ଷାଧିକାରୀ ସମେତ ବ୍ଲକ ଶିକ୍ଷାଧିକାରୀଙ୍କ ଗୋଚରରେ ଅଛି ଯେ ଛାତ୍ରଛାତ୍ରୀମାନଙ୍କୁ ଅଧିକ ନମ୍ବର ଦେବା, ପରୀକ୍ଷାରେ ସାହାଯ୍ୟ କରିବା, ଆଗୁଆ ବିଭିନ୍ନ ପରୀକ୍ଷାର ପ୍ରଶ୍ନପତ୍ର ଦେବାରେ ସହଯୋଗ କରିବା ଭଳି ଆଳ ଦେଖାଇ ନିଜର ଟ୍ୟୁସନ ହେଉ ବା କୋଚିଂ ସେଣ୍ଟର ପ୍ରତି ଆକର୍ଷିତ କରାଇ ସାଇଡ୍ ଶିକ୍ଷା ବ୍ୟବସାୟ ଆରମ୍ଭ କରିଦେଇଛନ୍ତି। ଯେଉଁ ଶିକ୍ଷକମାନଙ୍କୁ ସରକାର ବିଦ୍ୟାଳୟରେ ଭଲ ପାଠ ପଢ଼ାଇବା ପାଇଁ ଉଚ୍ଚ ଅଙ୍କର ବେତନ ପ୍ରଦାନ କରୁଛନ୍ତି, ହେଲେ ସେମାନେ ବିଦ୍ୟାଳୟରେ କମ୍ କିନ୍ତୁ କୋଚିଂ ଟ୍ୟୁସନରେ ଅଧିକ ପରିଶ୍ରମ କରୁଛନ୍ତି। ଏମିତିକି କିଛି ସରକାରୀ ଶିକ୍ଷକ କୋଚିଂ ସେଣ୍ଟର ମାଲିକ ହୋଇ ନିଜେ ପଢ଼ାଇବା ସହ ଅନ୍ୟ ବିଦ୍ୟାଳୟରୁ ଶିକ୍ଷକମାନଙ୍କୁ ଡକାଇ ଶିକ୍ଷା ବ୍ୟବସାୟ ପ୍ରଗତି ଓ ଭଲ ମୁନାଫା ପାଉଛନ୍ତି। ଏପଟେ ହଜାର ହଜାର ବେକାରୀ ଯୁବକଯୁବତୀ ଚାକିରି ନ ପାଇ ଘରୋଇ କୋଚିଂ ଓ ଟ୍ୟୁସନ୍‌କୁ ବୃତ୍ତି କରି ପରିବାର ପ୍ରତିପୋଷଣ କରୁଥିବାବେଳେ ସରକାରୀ ଶିକ୍ଷକ ସେମାନଙ୍କ ପେଟକୁ ଲାତ ମାରିଛନ୍ତି ବୋଲି ଅଭିଯୋଗ ହୋଇଛି। ପିଏସ୍‌ଆର୍ ସର୍ଭେ ଅନୁଯାୟୀ ଧାମନଗର ବ୍ଲକରେ ୧୭ଜଣରୁ ଅଧିକ ସରକାରୀ ଶିକ୍ଷକ ଏବେ ଟ୍ୟୁସନ୍ ବେପାରରେ ମାଲାମାଲ ହେଉଛନ୍ତି। ଏ ସବୁ ଜାଣି ଅଜଣା ହୋଇ ଚାଉଳ ଚୋବାଉଥିବା ଜିଲ୍ଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀ କାଳେ ଶିକ୍ଷକମାନଙ୍କୁ ଅଭୟବର ଦେଇଥିବା ଚର୍ଚ୍ଚା ହେଉଛି। ତେବେ ଖବର ପ୍ରକାଶ ପରେ ଜିଲ୍ଲା ପ୍ରଶାସନ ସରକାରୀ ନିୟମକୁ ଆଖିଆଗରେ ରଖି କିପରି ତତ୍ପର ହେଉଛନ୍ତି ଏବଂ କେଉଁଭଳି ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବୁଦ୍ଧିଜୀବୀ ମହଲରେ ଅପେକ୍ଷା କରିଛନ୍ତି।

**କୋମାରେ ସର୍ବବୃହତ୍ ଟେଲି ସଂସ୍ଥା ବିଏସ୍‌ଏନ୍‌ଏଲ୍**

# ଦାୟିତ୍ୱ ନିର୍ବାହ କରୁଛନ୍ତି ଦିନ ମଜୁରିଆ



ବନ୍ତ/ଆଗରପଡ଼ା, ୧୦।୫(ସମିସ): ଯୋଗାଯୋଗ କ୍ଷେତ୍ରରେ ଏକଦା ମହାଗୁରୁ ପାଲଟିଥିବା ବିଏସ୍‌ଏନ୍‌ଏଲ୍ ଆଜି କୋମାରେ। ବନ୍ତ ବ୍ଲକ ଆଗରପଡ଼ା ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟ ଏହାର ଏକ ଉଦାହରଣ। ଏହି ଏକ୍ସଚେଞ୍ଜ କାର୍ଯ୍ୟକାରୀ ହେବା ପରେ ଲ୍ୟାଣ୍ଡଲାଇନ୍ ଜରିଆରେ ହିତାଧିକାରୀଙ୍କୁ ସଂଯୋଗ ଦିଆଯାଇଥିଲା। ପର୍ଯ୍ୟାୟକ୍ରମେ ଗ୍ରାହକ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଥିଲା। ପରେ ମୋବାଇଲ୍ ଫୋନ୍‌ର ଯୁଗ ଆରମ୍ଭ ହେବା ପରେ ଲ୍ୟାଣ୍ଡଲାଇନ୍ ପ୍ରତି ଲୋକଙ୍କ ଆଗ୍ରହ କମିବାରେ ଲାଗିଲା। ମୋବାଇଲ୍ ସେବା ଉପଲବ୍ଧ ହେବା ପରେ ୨୦୦୮ରେ ଆଗରପଡ଼ାରେ ମୋବାଇଲ ସେବା ଯୋଗାଇଦେବା ପାଇଁ ଟାୱାର ସ୍ଥାପନ କରାଯିବା ସହ ଏହାର ଦାୟିତ୍ୱ ଜଣେ ମାତ୍ର ଟିଟିଙ୍କ ହାତରେ ନ୍ୟସ୍ତ କରାଗଲା। ସେ ଉକ୍ତ ଦାୟିତ୍ୱକୁ ୨୦୦୮ରୁ ୨୦୨୦ ପର୍ଯ୍ୟନ୍ତ ସୂଚାରୁରୂପେ ପ୍ରତିପାଦନ କରି ଆସୁଥିଲେ। ତାଙ୍କ ଅବସର ପରେ ବର୍ତ୍ତମାନ ବିଭାଗ ପକ୍ଷରୁ କୌଣସି ସ୍ଥାୟୀ କର୍ମଚାରୀ ନିଯୁକ୍ତି କରାଯାଇ ନ ଥିବା ବେଳେ ୬ ବର୍ଷ ହେବ ଜଣେ ଦିନ ମଜୁରିଆ ଆଗରପଡ଼ା ଏକ୍ସଚେଞ୍ଜ ଦାୟିତ୍ୱ ତୁଲାଇ ଆସୁଛନ୍ତି। ସେ ଉକ୍ତ ଦାୟିତ୍ୱ ତୁଲାଇ ଆସୁଥିଲେ ସୁଦ୍ଧା ବିଡ଼ମ୍ବନାର ବିଷୟ ବିଭାଗ ପକ୍ଷରୁ ତାଙ୍କୁ ମାସ ମାସ ଧରି ତାଙ୍କ ପ୍ରାପ୍ୟ ପାଇବାରୁ ବଞ୍ଚିତ କରାଯାଉଛି। ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଏ ବିଷୟରେ ଯୋଗାଯୋଗ କରିବାରୁ ଯୋଗାଯୋଗ ସମ୍ଭବପର ହୋଇପାରି ନ ଥିଲା।

ସେହିଭଳି ମୋବାଇଲ୍ କ୍ଷେତ୍ରରେ ଘରୋଇ କମ୍ପାନୀମାନେ ୨ଜି ନେଟ୍‌ୱର୍କରୁ ୫ଜି ନେଟ୍‌ୱର୍କ ଜରିଆରେ ଦ୍ରୁତ ଗତିରେ ଗ୍ରାହକଙ୍କୁ ସେବା ଯୋଗାଉଥିବାବେଳେ ବିଏସ୍‌ଏନ୍‌ଏଲ୍ ସେହି ପୂର୍ବ ୪ଜି ନେଟ୍‌ୱର୍କ ପ୍ରସାରଣ କରି ଚାଲିଛି। ଫଳରେ ଗ୍ରାହକମାନେ ବିଏସ୍‌ଏନ୍‌ଏଲ୍ ପରିବର୍ତ୍ତେ ଘରୋଇ କମ୍ପାନୀ ଯଥା- ଜିଓ, ଏୟାରଟେଲ୍, ରିଲାଏନ୍ସ ଭଳି ଯୋଗାଯୋଗ ସଂସ୍ଥା ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ସେହିପରି କିଛି ସରକାରୀ କାର୍ଯ୍ୟାଳୟ ଓ ବ୍ୟାଙ୍କରେ ବିଏସ୍‌ଏନ୍‌ଏଲ୍ ଲିଜ୍ ଲାଇନ ବ୍ୟବହାର ହେଉଥିବାବେଳେ ଲ୍ୟାଣ୍ଡଲାଇନ୍ ଆଉ ନାହିଁ କହିଲେ ଚଳେ। ଅପରପକ୍ଷରେ କରେଣ୍ଟ ଗଲେ ଗ୍ରାହକମାନେ ୪ଜି ବଦଳରେ ୨ଜି ଓ ୩ଜି ସେବା ପାଉଥିବା ଜଣାପଡ଼ିଛି। ତେଣୁ ବିଏସ୍‌ଏନ୍‌ଏଲ୍ ଗ୍ରାହକମାନେ ଉଚିତ୍ ସେବା ପାଇବାରୁ ବଞ୍ଚିତ ହେଉଥିବାରୁ ଅନ୍ୟ ଘରୋଇ କମ୍ପାନୀ ପ୍ରତି ଆଗ୍ରହ ପ୍ରକାଶ କରୁଥିବା ଜଣାପଡୁଛି। ବିଭାଗ ପକ୍ଷରୁ ଉକ୍ତ ଏକ୍ସଚେଞ୍ଜର ନବକଳେବର କରାଯିବା ନିତାନ୍ତ ଆବଶ୍ୟକ ବୋଲି ସର୍ବସାଧାରଣରେ ଦାବି ହେଉଛି।

# ଆସୁନି ଚିଠି କି ଶୁଭୁନି ଡାକବାଲାର ସ୍ୱର

ବନ୍ତ/ଆଗରପଡ଼ା, ୧୦।୫(ସମିସ): ଦିନ ଥିଲା ଗାଁ ହେଉ ଅବା ସହରର ସାହି ବସ୍ତିରେ ଡାକବାଲାକୁ ଦେଖିଲେ ଲୋକେ ଘରୁ ବାହାରକୁ ଦୌଡ଼ି ଆସୁଥିଲେ। ଆମର କିଛି ଚିଠିପତ୍ର ଆସିଛି କି ସେ ସଂକ୍ରାନ୍ତରେ ପଚାରି ବୁଝୁଥିଲେ। ସମୟ ବଦଳିବା ସହିତ ଲୋକଙ୍କ ସାମାଜିକ

● ପୋଷ୍ଟମ୍ୟାନ୍‌ଙ୍କ ଜାଗା ନେଇଛି ସ୍ମାର୍ଟଫୋନ୍

● ଦେଖିବାକୁ ମିଳୁନି ଡାକବାକ୍ସ




ଚଳଣିରେ ମଧ୍ୟ ପରିବର୍ତ୍ତନ ହେବାରେ ଲାଗିଛି। ବିଗତ କିଛି ବର୍ଷ ହେଲା ଚିଠିପତ୍ରର ସ୍ଥାନ ନେଇଛି ସ୍ମାର୍ଟ ଫୋନ୍। ଯାହା ଫଳରେ ଡିଜିଟାଲ୍ ଦୁନିଆରେ ଡାକବାକ୍ସ ସାଧାରଣ ଜନତାଙ୍କ ମାନସପଟରୁ ଲିଭିବାକୁ ବସିଛି। ଆଉ ଆଗ ଭଳି ଡାକବାକ୍ସର ଚାହିଦା ନ ଥିବା ଦେଖିବାକୁ ମିଳିଛି। ଏହିଭଳି ପରିସ୍ଥିତି ଆସି ପହଞ୍ଚିଛି ଯେ, ଆଗାମୀ କିଛିବର୍ଷ ପରେ ଯୁବପିଢ଼ି ଡାକବାକ୍ସ ବିଷୟରେ କହିଲେ ଆଉ କିଛି ବୁଝିପାରିବେ ନାହିଁ। ସମୟଚକ୍ରରେ ଡାକବାକ୍ସ ସଂଗ୍ରହାଳୟରେ ସ୍ମୃତି ହୋଇ ରହିଯିବାର ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇପାରିବ ନାହିଁ।

ବିଗତ କିଛି ବର୍ଷ ତଳେ ଖବର ପହଞ୍ଚାଇବାକୁ ଖୋଜା ପଡୁଥିଲା ଡାକବାକ୍ସ। ଭଦ୍ରକ ସହର ତଥା ଏହାର ଆଖପାଖ ଗ୍ରାମାଞ୍ଚଳର କୋଣ ଅନୁକୋଣରେ ଥିବା ଡାକଘରଠାରୁ ଆରମ୍ଭ କରି ବିଭିନ୍ନ ସାହି ବସ୍ତିରେ ଛକ ଜାଗାରେ ଲାଲ୍ ରଙ୍ଗର ଡାକବାକ୍ସ ଶୋଭାପାଉଥିଲା। କିନ୍ତୁ ଏବେ ଆଉ ଖୋଜିଲେ ବି ପ୍ରାୟତଃ ମିଳୁନି ଡାକବାକ୍ସ। ହାତଗଣତି କିଛି ସ୍ଥାନରେ ପଡ଼ି ରହିଛି ଡାକବାକ୍ସ। ସେସବୁରୁ କେତେକ ଭଙ୍ଗା ଦଦରା ଅବସ୍ଥାରେ ଥିବାବେଳେ ଆଉ କେତେକ ଡାକବାକ୍ସକୁ କଳଙ୍କି ଲାଗିଯାଇଥିବା ଦେଖିବାକୁ ମିଳୁଛି। ସତେଯେମିତି ଡାକବାକ୍ସର ଆୟୁଷ ସରିସରି ଆସୁଛି। ଆଗରପଡ଼ା ଉପଡ଼ାକଘର ଅଧୀନରେ ୮ଟି ଶାଖା ଡାକଘର ଥାଇ ସୁଦ୍ଧା ଡାକବାକ୍ସରେ ଡାକ ପଡୁଥିବା ଦେଖିବାକୁ ମିଳୁନି। କେବଳ ପୋଷ୍ଟ ଅଫିସର ପରିଚୟ ସୃଷ୍ଟି କରୁଛି ଡାକବାକ୍ସ। ଅତୀତରେ ଖବର ପହଞ୍ଚାଇବାର ପ୍ରମୁଖ ମାଧ୍ୟମ ସାଜିଥିବା ଡାକବାକ୍ସ ଏବେ ନିଜର ଅସ୍ତିତ୍ୱ ହରାଇବାକୁ ବସିଛି। ସାଇକଲରେ ଚିଠି ଧରି ମାଟିଆ ରଙ୍ଗର ପୋଷାକ ପିନ୍ଧି ଡାକବାଲାର ପରିଚୟ ସୃଷ୍ଟି କରୁଥିବା ଡାକ କର୍ମଚାରୀଙ୍କୁ ଆଉ ଦେଖିବାକୁ ମିଳୁନି କି ଆଉ ତାଙ୍କ ଡାକ ବି ଶୁଣିବାକୁ ମିଳୁନି। ଆଜିକାଲି ସ୍ମାର୍ଟ ଫୋନ୍ ଟେକ୍ନୋଲୋଜିର ଯୁଗ। ଡାକ ବିଭାଗର ମନିଅର୍ଡର ସ୍ଥାନ ନେଇଛି ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ଏବଂ ଚିଠିର ସ୍ଥାନ ନେଉଛି ଇ-ମେଲ୍ ଓ ବିଭିନ୍ନ ସାମାଜିକ ଗଣମାଧ୍ୟମ। ତେଣୁ ଆଉ ପୂର୍ବ ଭଳି ଡାକବାଲା ଓ ଡାକବାକ୍ସର ଆବଶ୍ୟକ ପଡୁନାହିଁ। ତେଣୁ ସମୟଚକ୍ରରେ ହଜିବାକୁ ବସିଛି ଡାକବାକ୍ସ।

# ତାମ୍ପଲା ଗ୍ରାମରେ ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ ଉଦ୍‌ଯାପିତ



ଅସୁରାଳି, ୧୦।୫(ସମିସ): ସରେଇ ଚୁଡ଼ାକୁଟି ପଞ୍ଚାୟତ ଅନ୍ତର୍ଗତ ତାମ୍ପଲା ଗାଁରେ ଅନୁଷ୍ଠିତ ପବିତ୍ର ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଓ ଜନମାନସରେ ସକାରାତ୍ମକ ଚିନ୍ତାଧାରା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଯଜ୍ଞ କାର୍ଯ୍ୟକୁ ସଫଳ କରିବାରେ ଗ୍ରାମର ଅନେକ ବ୍ୟକ୍ତିବିଶେଷ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପ୍ରଦୀପ ନାୟକ, ସୁଶାନ୍ତ ପଣ୍ଡା, ସୁଶାନ୍ତ କର, ଦିବାକର ଜେନା ଓ ସୀତାକାନ୍ତ ବାରିକ, ଦିବ୍ୟଜ୍ୟୋତି ନାୟକ, ଶାନ୍ତିଲତା ସାହୁ ପ୍ରମୁଖଙ୍କ ସମେତ ପରିବାରର ସମସ୍ତ ସଦସ୍ୟ ଏହି ଆଧ୍ୟାତ୍ମିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ସେହିପରି ଶାନ୍ତିଲତା ସାହୁ, ବାସନ୍ତିଲତା ନାୟକ, କୁମାରୀ ଓଜସ୍ୱିନୀ ଓ ମନସ୍ୱିନୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଯଜ୍ଞର ପୂର୍ଣ୍ଣାହୁତି ବେଳେ ପରିବେଶ ବେଶ୍ ଭକ୍ତିମୟ ହୋଇଉଠିଥିଲା।

# ହାଜୀ ଅବୁଲ କାଶିମ ଖାନ୍‌ଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା




ଭଦ୍ରକ, ୧୦।୫(ସମିସ): ଭଦ୍ରକ ପୁରୁଣା ବଜାର ବରିଷ୍ଠ ନାଗରିକ ସଙ୍ଘ ଆନୁକୂଲ୍ୟରୁ ଭଦ୍ରକ ପୁରୁଣା ବଜାରସ୍ଥିତ ବାଙ୍କା ବଜାର ସୈନିକ ସ୍କୁଲଠାରେ ରବିବାର ସନ୍ଧ୍ୟା ୫ଟାରେ ବିଶିଷ୍ଟ ସୁନାମଧନ୍ୟ କ୍ରୀଡ଼ାବିତ୍, ସାମ୍ପ୍ରଦାୟିକ ସଦ୍‌ଭାବନାର ରକ୍ଷକ ତଥା ଜୀବନବ୍ୟାପୀ ଶିକ୍ଷା, ସଂସ୍କୃତି ଏବଂ ପୂଜ୍ୟପୂଜା ସଂଗଠନର ବ୍ୟକ୍ତି ହାଜୀ ଅବୁଲ୍ କାଶିମ୍ ଖାନ୍‌ଙ୍କ ଶ୍ରଦ୍ଧାଞ୍ଜଳି ସଭା ସଂଘ ସଭାପତି ହାଜୀ ହକିମୁଦ୍ଦିନ ଖାନଙ୍କ ସଭାପତିତ୍ୱରେ ଓ ସମ୍ପାଦକ ରାମଚନ୍ଦ୍ର କରଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଫେଲୋସିପ୍ ସମ୍ପାଦକ ଏସ୍.ଏମ୍. ଫାରୁକ, ସମାଜସେବୀ ସୁଧାକର ରାଉତ, ଲଲାଟେନ୍ଦୁ ମହାନ୍ତି, କୈଳାଶ ଚନ୍ଦ୍ର ମହାପାତ୍ର, ରୋଭର୍ସ କ୍ଲବ୍ ସମ୍ପାଦକ ହରିହର ନନ୍ଦୀ, ମୁସ୍‌ଲିମ ଜମାତର ସମ୍ପାଦକ ହାଜୀ ଅବଦୁଲ ମୁକିତ୍ ଖାନ୍, ବିବେକ ମୁଖାର୍ଜୀ, ଆଇନଜୀବୀ ଶେଖ୍ ଅବୁ ସୁଫିଆନ, ଗାନ୍ଧୀ ବାଳାଶ୍ରମ ସମ୍ପାଦକ ଅଶୋକ ଦାସ, ଇଂ. ମନାୱାର ହୋସେନ ଓ ଲକ୍ଷ୍ମୀକାନ୍ତ ବାରିକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ କାଶିମ ଖାନଙ୍କ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ। ଏହି ସଭାକୁ ବରିଷ୍ଠ ନାଗରିକ ସଂଘର ସମସ୍ତ ସଭ୍ୟ ଉପସ୍ଥିତ ରହି ପରିଚାଳନା କରିଥିଲେ।

# ଜବରଦଖଲରେ ଶହଶହ ଏକର ସରକାରୀ ଜମି

ବନ୍ତ/ଆଗରପଡ଼ା, ୧୦।୫(ସମିସ): ବନ୍ତ ବ୍ଲକର ବିଭିନ୍ନ ସ୍ଥାନରେ ଲୋକେ ସରକାରୀ ଜମିକୁ ଜବରଦଖଲ କରି ରଖିଛନ୍ତି। ଯଦ୍ୱାରା ବହୁ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। କିନ୍ତୁ ଏହାକୁ ଉଚ୍ଛେଦ କରିବାରେ ବ୍ଲକ ପ୍ରଶାସନ ଆଜି ପର୍ଯ୍ୟନ୍ତ ସଫଳ ହୋଇପାରି ନ ଥିବାବେଳେ ରାଜ୍ୟ ସରକାର ସରକାରୀ ଜମିରୁ ଜବରଦଖଲ ହଟାଇ ଏହାକୁ ତାରବାଡ଼ ଦେଇ ଫଳକ ଲଗାଇ ସୁରକ୍ଷିତ ରଖିବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ତେଣୁ ବର୍ଷ ବର୍ଷ ଧରି ସରକାରୀ ଜମିକୁ ଜବରଦଖଲ କରି ରଖିଥିବା ପ୍ରଭାବଶାଳୀ ବ୍ୟକ୍ତିବିଶେଷଙ୍କଠାରୁ ଜମିକୁ ଜବରଦଖଲ ମୁକ୍ତ କରିବା ସହ ଉଚ୍ଛେଦ ଅଭିଯାନ ସଫଳ କରିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ବନ୍ତ ତହସିଲ୍‌ର ମୋଟ୍ କ୍ଷେତ୍ରଫଳ ୬୦୭୭୭.୭୦ ଏକର ହୋଇଥିବାବେଳେ ସେଥିମଧ୍ୟରୁ ୫୫୬୧.୧୭ ଏକର ସରକାରୀ ଜମି ରହିଛି। ସେଥିମଧ୍ୟରେ ଗୋଚର ଜମି ୧୮୪୫.୯୮ ଏକର, ଶ୍ମଶାନ ୧୮୩.୦୪ ଏକର, ଅନାବାଦୀ ୮୦୩.୪୨ ଏକର, ପିଡବ୍ଲ୍ୟୁଡି ୧୯୪.୬୪ ଏକର, ଗ୍ରାମ୍ୟ ଜଙ୍ଗଲ ୧୪୮୩.୩୭ ଏକର, ସର୍ବସାଧାରଣ ଜମି ୯୦୬.୧୯ ଏକର ଓ ବସ୍ତି ଯୋଗ୍ୟ ଜମି ୧୪୪.୫୩ ଏକର ରହିଛି। ଏପରିସ୍ଥଳେ ବିଭିନ୍ନ ପଞ୍ଚାୟତରେ ଶହଶହ ଏକର ସରକାରୀ ଜମି ଜବରଦଖଲରେ ରହିଥିବା ଜଣାପଡ଼ିଛି। ଗୋଚର ଜମିକୁ ଜବରଦଖଲ କରିବା ଫଳରେ ଗାଈଗୋରୁମାନଙ୍କ ପାଇଁ ଚାରଣ ଭୂମିର ଅଭାବ ସୃଷ୍ଟି ହେଉଥିବାରୁ ସେମାନେ ରାଜରାସ୍ତାରେ ପହଞ୍ଚିଛନ୍ତି। ବିଭିନ୍ନ ସ୍ଥାନରେ ଗ୍ରାମ୍ୟ ଜଙ୍ଗଲ ଓ ଶ୍ମଶାନ ଜମିକୁ ଜବରଦଖଲ କରି ଚାଷ ଜମିରେ ପରିଣତ କରାଯାଇଛି। ଯେପରିକି କାଦବରାଙ୍ଗ ପଞ୍ଚାୟତ ଅନ୍ତର୍ଗତ ବନ୍ତଳା ଗ୍ରାମର ପାଖାପାଖି ୬୦ଏକର ସରକାରୀ (ଗୋଚର ଓ ଜଙ୍ଗଲ) ଜମିରୁ ପାଖାପାଖି ୪୦ ଏକର ପରି ଜମିକୁ ବର୍ତ୍ତମାନ ଜବରଦଖଲ କରାଯାଇ ତାକୁ ଚାଷ ଜମିରେ ପରିଣତ କରାଯାଉଛି। ଦିନକୁ ଦିନ ଜଙ୍ଗଲ ଜମିରେ ଉଠିଥିବା ବଡ଼ବଡ଼ ଗଛକୁ ବେନିୟମ ଭାବେ କାଟି ଦିଆଯାଉଛି। ଏହାକୁ ନେଇ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ରାଜସ୍ୱ ନିରୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ୍। ସେହିପରି ବିଟିପୁର ନୂତନ ପଞ୍ଚାୟତର ମାନ୍ୟତା ପାଇବା ପରେ ଉକ୍ତ ପଞ୍ଚାୟତରେ ବିଭିନ୍ନ ପ୍ରକାର ଉନ୍ନତିମୂଳକ କାର୍ଯ୍ୟ ହେବାକୁ ଥିବାବେଳେ ଜବରଦଖଲରେ ପଞ୍ଚାୟତର ବହୁ ଜାଗା ରହିଥିବାରୁ ଏହାର ଉନ୍ନୟନମୂଳକ କାର୍ଯ୍ୟରେ ବହୁ ବାଧା ଉପୁଜୁଥିବା ଜଣାପଡ଼ିଛି। ଅନୁରୂପ ଭାବେ ବଡ଼ମହିଁଷଗୋଠ ପଞ୍ଚାୟତରେ ମଧ୍ୟ ବହୁ ଗ୍ରାମରେ ସରକାରୀ ଜାଗା ଜବରଦଖଲରେ ଅଛି। ଜିଲ୍ଲାପାଳଙ୍କଠାରେ ଅଭିଯୋଗ ପରେ ମଧ୍ୟ ବ୍ଲକ ପ୍ରଶାସନର କାର୍ଯ୍ୟାନୁଷ୍ଠାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



**ପ୍ରଶାସନର ଆଭିମୁଖ୍ୟକୁ ନେଇ ଚର୍ଚ୍ଚା**

**ଚାଲିଲାଣି ଆଉ ଏକ ଶିକ୍ଷାବର୍ଷର ପାଠପଢ଼ା**

# ୮ ବର୍ଷ ପରେ ବି କାଗଜକଲମରେ ସୀମିତ ସରକାରୀ ନିର୍ଦ୍ଦେଶନାମା

ବନ୍ତ/ଆଗରପଡ଼ା, ୧୦।୫(ସମିସ)



**ପିଲାଙ୍କ ବ୍ୟାଗ୍ ଓଜନ କଟକଣାକୁ କେବେ ମାନିବେ କର୍ତ୍ତୃପକ୍ଷ**

କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରାଣାଳୟ ପକ୍ଷରୁ ରାଜ୍ୟର ସମସ୍ତ ସ୍କୁଲ ଛାତ୍ରଛାତ୍ରୀଙ୍କ ବ୍ୟାଗ୍ ଓଜନ ଉପରେ କଟକଣା କରାଯାଇଛି। ଉକ୍ତ ନିର୍ଦ୍ଦେଶକୁ ଇତି ମଧ୍ୟରେ ୮ ବର୍ଷ ପୂରିବା ସହିତ ରାଜ୍ୟରେ ଆଉ ଏକ ଶିକ୍ଷା ବର୍ଷ ଆରମ୍ଭ ହେଲାଣି। କିନ୍ତୁ ନିର୍ଦ୍ଦେଶନାମା କେବଳ କାଗଜ କଲମରେ ସୀମିତ ରହିଛି। ବିଭାଗୀୟ ଅଧିକାରୀ ନା ସ୍କୁଲ କର୍ତ୍ତୃପକ୍ଷ କେହି ବି ଉକ୍ତ ନିୟମକୁ ପାଳନ କରୁନାହାନ୍ତି। ଯଦ୍ୱାରା ବର୍ତ୍ତମାନ ପଛରେ ରହିଯାଇଛି ସରକାରୀ ନିୟମ। ଫଳରେ ଅଭିଭାବକଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ସରକାର ତାଙ୍କ ନିର୍ଦ୍ଦେଶନାମାରେ ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ଓଜନଠାରୁ ଅଧିକ ଓଜନର ବ୍ୟାଗ୍ ଯେମିତି ପରିବହନ ନ କରନ୍ତି ସେଥିପ୍ରତି ଗୁରୁତ୍ୱାରୋପ କରିବା ସହ ଜିଲ୍ଲାସ୍ତରୀୟ କମିଟି ଗଠନ କରିଥିଲେ ସୁଦ୍ଧା ଏହା ଆଜି ପର୍ଯ୍ୟନ୍ତ ପାଳିତ ହୋଇପାରିନାହିଁ।

୨୦୧୯ ମାର୍ଚ୍ଚ ୮ ତାରିଖ ଗାଇଡ୍‌ଲାଇନ୍ ଅନୁସାରେ ପିଲାଙ୍କ ସ୍କୁଲ୍ ବ୍ୟାଗ୍ ପରିବହନ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ସମସ୍ତ ସ୍କୁଲକୁ ରାଜ୍ୟ ସରକାରଙ୍କ ତରଫରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏ ସମ୍ପର୍କରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ହାଇକୋର୍ଟରେ ମଧ୍ୟ ସତ୍ୟପାଠ ଦାଖଲ କରିଥିଲେ। ୨୦୧୮ ଅକ୍ଟୋବର ୨୦ରେ ଜାରି ହୋଇଥିବା ଗାଇଡ୍‌ଲାଇନ୍ ଅନୁଯାୟୀ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ସ୍କୁଲ ବ୍ୟାଗର ଓଜନ ୧.୫ କେଜି ରଖାଯାଇଥିବା ବେଳେ ତୃତୀୟରୁ ୫ମ ଶ୍ରେଣୀ ପିଲାଙ୍କ ପାଇଁ ୨ରୁ ୩ କେଜି, ୬ଷ୍ଠ ଓ ୭ମ ଶ୍ରେଣୀର ପିଲାଙ୍କ ପାଇଁ ୪ କେଜି, ୮ମ ଓ ୯ମ ଶ୍ରେଣୀର ପିଲାଙ୍କ ପାଇଁ ୪.୫ କେଜି ଓ ୧୦ମ ଶ୍ରେଣୀ ପିଲାଙ୍କ ପାଇଁ ୫ କେଜି ଓଜନର ବ୍ୟାଗ୍ ବ୍ୟବହୃତ କରିପାରିବେ। ଏହାଠାରୁ ଅଧିକ ଓଜନର ବ୍ୟାଗ୍ ନେବା ପାଇଁ କଟକଣା ଜାରି କରାଯାଇଛି। ତତ୍‌ସହିତ କୌଣସି ବି ସ୍କୁଲ ଶିକ୍ଷକ ଓ ଶିକ୍ଷୟିତ୍ରୀ ୧ମ ଓ ୨ୟ ଶ୍ରେଣୀର ପିଲାଙ୍କୁ ହୋମ୍‌ୱାର୍କ କରିବାକୁ ନ ଦେବାକୁ ଏହି ଗାଇଡ୍‌ଲାଇନ୍‌ରେ ସ୍ପଷ୍ଟ ସୂଚନା ଦିଆଯାଇଛି। ଏନ୍‌ସିଇଆର୍‌ଟି ନିୟମ ଅନୁଯାୟୀ, ୧ମ ଓ ୨ୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ସ୍କୁଲ କର୍ତ୍ତୃପକ୍ଷ ଭାଷା ଓ ଗଣିତ ବ୍ୟତୀତ ଆଉ କୌଣସି ବିଷୟରେ ଶିକ୍ଷା ଦେବେ ନାହିଁ। ୩ୟରୁ ୫ମ ଶ୍ରେଣୀର ପିଲାମାନଙ୍କ ପାଇଁ ଭାଷା, ଇଭିଏସ୍ ଓ ଗଣିତ ଶିକ୍ଷା ଦେବା ସହ ଅତିରିକ୍ତ ବହି ଓ ସାମଗ୍ରୀ ଆଣି ବିଦ୍ୟାଳୟକୁ ଆସିବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରଛାତ୍ରୀଙ୍କୁ କହିପାରିବେ ନାହିଁ। ଯଦି କୌଣସି ବିଦ୍ୟାଳୟ ଉକ୍ତ ନିୟମ ଉଲ୍ଲଂଘନ କରୁଥିବେ ତେବେ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ସୂଚନା ଦିଆଯାଇଛି। କିନ୍ତୁ ଏହାକୁ ଆଜି ପର୍ଯ୍ୟନ୍ତ କେହି ପାଳନ କରୁନାହାନ୍ତି।

ଏଠାରେ ପ୍ରକାଶ ଥାଉକି, ଛୋଟଛୋଟ ପିଲାଙ୍କ ପାଠପଢ଼ା କଥା ଯାହା ହେଉନା କାହିଁକି, ପ୍ରତିଦିନ ପାଠ୍ୟପୁସ୍ତକ ଭର୍ତ୍ତି ବ୍ୟାଗକୁ ନେଇ ସ୍କୁଲକୁ ଯିବାଆସିବା କରିବା ବଡ଼ ସମସ୍ୟା ସୃଷ୍ଟି କରୁଛି ବୋଲି ଅଭିଭାବକମାନେ ନିଜର ଅସନ୍ତୋଷଭାବ ପ୍ରକାଶ କରିଆସୁଛନ୍ତି। ପୂର୍ବରୁ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ପକ୍ଷରୁ ଜଣେ ପିଲାର ଓଜନଠାରୁ ସ୍କୁଲ ବ୍ୟାଗ୍ ଓଜନ ୧୦ ପ୍ରତିଶତ ଅଧିକ ହେବ ନାହିଁ ବୋଲି ଗାଇଡ୍‌ଲାଇନ୍ ପ୍ରକାଶ ପାଇଥିଲେ ସୁଦ୍ଧା ଏହି ଗାଇଡ୍‌ଲାଇନ୍ ବନ୍ତ ବ୍ଲକ ଓ ତା' ଆଖପାଖ ଅଞ୍ଚଳରେ ଥିବା ସ୍କୁଲଗୁଡ଼ିକରେ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ଛୋଟଛୋଟ ପିଲାମାନେ ପାଠ୍ୟପୁସ୍ତକ ଭର୍ତ୍ତି ଓଜନଦାର ବ୍ୟାଗ୍ ଧରି ସ୍କୁଲକୁ ନିୟମିତ ଯାଉଥିବାର ଦେଖିବାକୁ ମିଳୁଛି। ଏଠାରେ ବେସରକାରୀ ତଥା ସରକାରୀ ସ୍କୁଲ ବ୍ୟତୀତ ସ୍ଥାନୀୟ ଅଞ୍ଚଳରୁ ବହୁ ପିଲା ବାରିପଦା, ଭଦ୍ରକ ଆଦି ସ୍ଥାନରେ ଥିବା ସ୍କୁଲକୁ ପଢ଼ିବା ପାଇଁ ଯାଉଛନ୍ତି। ଏଥିରେ ପଢ଼ା ଖର୍ଚ୍ଚ ଅଧିକ ହେବା ଅଭିଭାବକମାନଙ୍କୁ ଯେତିକି ବାଧୁନାହିଁ, ପିଲାଙ୍କ ଓଜନ୍‌ଦାର ବହି ଭର୍ତ୍ତି ବ୍ୟାଗ୍ ନେଇଯିବା ଅଧିକ କଷ୍ଟ ଦେଉଛି ବୋଲି ବହୁ ଅଭିଭାବକ ମତବ୍ୟକ୍ତ କରୁଛନ୍ତି। ବିଭିନ୍ନ ଆଳରେ ବହୁ ସ୍କୁଲ ଏହାକୁ ଆଜିପର୍ଯ୍ୟନ୍ତ ଏଡ଼ାଇ ଚାଲିବା ସହ ସରକାରଙ୍କ ଦ୍ୱାରା ପ୍ରକାଶିତ ଗାଇଡ୍‌ଲାଇନ୍ ଆଜି ସୁଦ୍ଧା କାର୍ଯ୍ୟକାରୀ ହୋଇପାରୁ ନ ଥିବାରୁ ଏଥିପାଇଁ ଅଭିଭାବକମାନେ ଚିନ୍ତିତ ହୋଇପଡ଼ିଛନ୍ତି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଅଭିଭାବକ ତଥା ବୁଦ୍ଧିଜୀବୀମାନଙ୍କ ପକ୍ଷରୁ ଦାବି ହେଉଛି।

### ରକ୍ଷଣାବେକ୍ଷଣର ଅଭାବ

# ଖିଚିଂର ପ୍ରାଚୀନ କୀର୍ତ୍ତିରାଜି ଅସୁରକ୍ଷିତ





ଖିଚିଂ, ୧୦।୫(ସମିସ): ଏକଦା ମୟୂରଭଞ୍ଜ ରାଜ୍ୟର ରାଜଧାନୀ ଭାବେ ପରିଚିତ ଖିଚିଂ ଅଞ୍ଚଳର ପ୍ରାଚୀନ କୀର୍ତ୍ତିରାଜି ଆଜି ଅବହେଳିତ ଓ ଅସୁରକ୍ଷା ଅବସ୍ଥାରେ ରହିଛି। କାଳକ୍ରମେ ରାଜଧାନୀ ଅନ୍ୟତ୍ର ସ୍ଥାନାନ୍ତର ହେବା ପରେ ଏଠାରେ ଥିବା ଅନେକ ଐତିହାସିକ ସ୍ମୃତିଚିହ୍ନ ବଣବୁଦା ଓ ଲତାଗୁଳ୍ମ ଆଢୁଆଳରେ ପଡ଼ିରହିଛି। ରକ୍ଷଣାବେକ୍ଷଣର ଅଭାବ କାରଣରୁ ପ୍ରାଚୀନ କୀର୍ତ୍ତିରାଜି ଆଜି ଅସୁରକ୍ଷିତ। ଏହାର ରକ୍ଷଣାବେକ୍ଷଣର ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

୯୨୦ରୁ ୯୨୫ ଖ୍ରୀଷ୍ଟାବ୍ଦ ମଧ୍ୟରେ ନିର୍ମିତ ମା' କିଚକେଶ୍ୱରୀଙ୍କ ମନ୍ଦିର କେବଳ ମୁଗୁନି ପଥରରେ ନିର୍ମିତ ଏକ ଅଦ୍ଭୁତ ସ୍ଥାପତ୍ୟ ନମୁନା। ପରେ ୧୯୩୪ରେ ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓ ପ୍ରାୟ ୮୫ ହଜାର ଟଙ୍କା ବ୍ୟୟରେ ଏହାର ପୁନଃନିର୍ମାଣ କରାଇଥିଲେ। ଏଥିସହ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ୧୯୨୨ରେ ଖିଚିଂ ଅଞ୍ଚଳର ବିଭିନ୍ନ ସ୍ଥାନରୁ ମିଳିଥିବା ପ୍ରାଚୀନ ମୁଦ୍ରା, ମୂର୍ତ୍ତି, ଅସ୍ତ୍ରଶସ୍ତ୍ର ଓ ଘରୋଇ ସାମଗ୍ରୀ ସଂଗ୍ରହ କରି ଏକ ସଂଗ୍ରହାଳୟ ସ୍ଥାପନ କରିଥିଲେ। ତଥାପି ଏହି ପ୍ରୟାସ ସତ୍ତ୍ୱେ ଅନେକ ପ୍ରାଚୀନ କୀର୍ତ୍ତିରାଜି ଏବେବି ଅସୁରକ୍ଷିତ ଅବସ୍ଥାରେ ରହିଛି। ବିଶେଷକରି ମହାଭାରତରେ ବର୍ଣ୍ଣିତ କୀଚକଗଡ଼ ସମ୍ବନ୍ଧୀୟ ନାଟ୍ୟଶାଳା, ଯାହାକୁ ସ୍ଥାନୀୟ ଲୋକେ 'ଚାଉଳକୁଞ୍ଚି' ବୋଲି କୁହନ୍ତି, ତାହା ଏବେ କଣ୍ଟାଗଛ ଓ ଜଙ୍ଗଲିଆ ପରିବେଶରେ ଆବୃତ୍ତ ହୋଇପଡ଼ିଛି। ସ୍ଥାନୀୟ ଲୋକେ ଏହି ପ୍ରାଚୀନ ଐତିହ୍ୟର ସୁରକ୍ଷା ପାଇଁ ସରକାରୀ ହସ୍ତକ୍ଷେପ ଓ ଯଥୋଚିତ ପଦକ୍ଷେପ ନେବାକୁ ଦାବି କରୁଛନ୍ତି। ନଚେତ୍ ଏହି ଅମୂଲ୍ୟ ଐତିହ୍ୟ ଆଗାମୀ ଦିନରେ ସମୂଳେ ନଷ୍ଟ ହେବାର ଆଶଙ୍କା ରହିଛି।

ରାଜ୍ୟର ପ୍ରଥମ ସଂଗ୍ରହାଳୟର ପୁନରୁଦ୍ଧାର କାର୍ଯ୍ୟ ପାଞ୍ଚବର୍ଷ ଧରି ଚାଲିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସମାପ୍ତ ହୋଇପାରିନାହିଁ। ଏଥିସହିତ ମନ୍ଦିର ବେଢାରେ ରହିଥିବା ଅନେକ ମୂଲ୍ୟବାନ ପଥର କାରୁକାର୍ଯ୍ୟ ଓ ପ୍ରାଚୀନ କାରିଗରୀ ବର୍ଷ ବର୍ଷ ଧରି ଖୋଲା ଆକାଶ ତଳେ ଅସୁରକ୍ଷିତ ଅବସ୍ଥାରେ ପଡ଼ିରହିଛି। ଏଠାରେ ଥିବା ବୌଦ୍ଧ ସ୍ତୁପ, ଜୈନ ସ୍ତୁପ, ଶଙ୍ଖୁଆ ରଜା ସ୍ଥଳ, କୁକୁଡ଼ା ଘର ଓ ଚାଉଳ କୁଞ୍ଚି ପରି ଐତିହ୍ୟବାହୀ ସ୍ଥାନ ଦିନକୁ ଦିନ ନଷ୍ଟ ହେବା ସମ୍ଭାବନାରେ ପହଞ୍ଚିଛି। ସଠିକ୍ ସୁରକ୍ଷା ଓ ରକ୍ଷଣାବେକ୍ଷଣର ଅଭାବରେ ଏହି ଅମୂଲ୍ୟ ଐତିହ୍ୟ ଧୀରେ ଧୀରେ ନିଶ୍ଚିହ୍ନ ହେବାକୁ ବସିଛି। ଏହି ପରିସ୍ଥିତି ମଧ୍ୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଖିଚିଂ ଗସ୍ତ ସମୟରେ ପୀଠର ସମଗ୍ର ଉନ୍ନତି ପାଇଁ ୫୨ କୋଟି ଟଙ୍କା ଘୋଷଣା କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ୫୦ କୋଟି ଟଙ୍କା ଅନୁଦାନ ଘୋଷଣା କରିଥିଲେ। କିନ୍ତୁ ଘୋଷଣା ପରେ ଦେଢ଼ ବର୍ଷ ବିତିଗଲାଣି, ଏପର୍ଯ୍ୟନ୍ତ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତ ହୋଇପାରିନାହିଁ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ କେବଳ ଘୋଷଣାରେ ସୀମିତ ରହିଯାଉଥିବା ଏହି ଯୋଜନାଗୁଡ଼ିକ ପ୍ରାଚୀନ ଐତିହ୍ୟର ସୁରକ୍ଷାରେ କୌଣସି ପ୍ରଭାବ ପକାଉନାହିଁ। ଶୀଘ୍ର ନିର୍ଦ୍ଦିଷ୍ଟ ପଦକ୍ଷେପ ନିଆ ନ ଗଲେ ଖିଚିଂର ଐତିହାସିକ ଗୌରବ ଚିରକାଳ ପାଇଁ ହରାଇବା ଆଶଙ୍କା କରାଯାଉଛି।

### ଜିକେଏସ୍ ଟଙ୍କା ହେରଫେର ଅଭିଯୋଗ

# ଅଙ୍ଗନବାଡ଼ି କେନ୍ଦ୍ର ସମ୍ମୁଖରେ ପଦ୍ମପୁର ଗ୍ରାମବାସୀଙ୍କ ବିକ୍ଷୋଭ



ବେତନଟୀ, ୧୦।୫(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ୍ ଅନ୍ତର୍ଗତ କେନ୍ଦୁଆ ପଞ୍ଚାୟତର ପଦ୍ମପୁର ଗ୍ରାମରେ ଗାଁ କଲ୍ୟାଣ ସମିତି (ଜିକେଏସ୍) ଟଙ୍କା ହେରଫେର ଅଭିଯୋଗ ଆଣି ଗ୍ରାମବାସୀ ଶନିବାର ଅଙ୍ଗନବାଡ଼ି କେନ୍ଦ୍ର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ହିସାବ ମାଗିଛନ୍ତି। ସୂଚନା ମୁତାବକ, ମାତ୍ର ଦୁଇ ବର୍ଷ ପୂର୍ବେ ପଦ୍ମପୁର ଗ୍ରାମରେ ଅଙ୍ଗନବାଡ଼ି କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଥିଲା। ଗ୍ରାମର ସୁଶାନ୍ତ ସିଂଙ୍କ ପତ୍ନୀ ସୋନାଲିଙ୍କୁ ଅଙ୍ଗନବାଡ଼ି କର୍ମୀ ଭାବେ ନିଯୁକ୍ତି ଦିଆଯାଇଥିଲା। ଜିକେଏସ୍ ଖାତାରେ ପ୍ରାରମ୍ଭିକ ଭାବେ ପ୍ରାୟ ୩୮ ହଜାର ଟଙ୍କା ଥିବାବେଳେ ସରକାରୀ ନିୟମ ଅନୁସାରେ ପରବର୍ତ୍ତୀ ସମୟରେ ୧୫ ହଜାର ଟଙ୍କା ଜମା ହୋଇଥିଲା। ସୁଧ ସହ ଖାତାରେ ପ୍ରାୟ ୫୩ ହଜାର ଟଙ୍କାରୁ ଅଧିକ ରହିବା କଥା। ସ୍ଥାନୀୟ ୱାର୍ଡ ମେମ୍ବର ଓ ଆଶା କର୍ମୀଙ୍କ ସମ୍ମତିରେ ସୋନାଲି ଦୁଇ ଥରରେ ୩୮ ହଜାର ଓ ୧୧ ହଜାର ଟଙ୍କା ମୋଟ ୪୯ ହଜାର ଟଙ୍କା ଉଠାଇଛନ୍ତି। କିନ୍ତୁ ଏହି ଟଙ୍କା ଜିକେଏସ୍ କମିଟି ସଦସ୍ୟ ଓ ଗ୍ରାମବାସୀଙ୍କ ଅଗୋଚରରେ ଉଠାଯାଇଥିବା ସହିତ ଅସତ୍ ଉପାୟରେ ଖର୍ଚ୍ଚ କରାଯାଇଛି ବୋଲି ଅଭିଯୋଗ ହୋଇଛି। ଖର୍ଚ୍ଚର କୌଣସି ହିସାବ ତାଙ୍କ ପାଖରେ ନ ଥିବା ଗ୍ରାମବାସୀ କହିଛନ୍ତି। ଗତ ୪ ତାରିଖରେ ଗ୍ରାମବାସୀ ବେତନଟୀ ବିଡିଓ ଓ ସିଡିପିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ। ସିଡିପିଓଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଅଙ୍ଗନବାଡ଼ି କେନ୍ଦ୍ର ପରିସରରେ ଏକ ବୈଠକ ଆୟୋଜିତ ହୋଇଥିଲା। ଉକ୍ତ ବୈଠକରେ ଆହୁରି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। କମିଟି ସଦସ୍ୟମାନେ ନିଜେ ଜାଣି ନ ଥିଲେ ଯେ ସେମାନେ ସଦସ୍ୟ ଅଛନ୍ତି। ସେମାନଙ୍କ ସ୍ୱାକ୍ଷର ମଧ୍ୟ ରିଜୋଲ୍ୟୁସନ ଖାତାରେ ନକଲ କରାଯାଇଥିବା ଅଭିଯୋଗ ହୋଇଛି। ଉଠାଯାଇଥିବା ଟଙ୍କାର ହିସାବ ମାଗିବା ପରେ ବୈଠକରେ ବଚସା ହୋଇ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏ ନେଇ ବେତନଟୀ ବ୍ଲକ୍ ସିଡିପିଓ ଛବିରାଣୀ ବେହେରା କହିଛନ୍ତି, ସ୍ଥାନୀୟ ସୁପରଭାଇଜରଙ୍କୁ ସମଗ୍ର ଘଟଣାର ସବିଶେଷ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

## ପାଲବଣୀରେ ମାତୃ ଦିବସ



ଶରତ/ଆନନ୍ଦପୁର, ୧୦।୫(ସମିସ): ଆନନ୍ଦପୁର ବ୍ଲକ କେ.ବାଲିପାଳ ଗ୍ରାମ ପଞ୍ଚାୟତର ପାଲବଣୀ ଗ୍ରାମରେ ମାତୃସେବା ସଙ୍ଘ ଓ କେ.ବାଲିପାଳ ଯୁବଗୋଷ୍ଠୀ ମିଳିତ ଭାବେ ମାତୃ ଦିବସ ପାଳନ କରିଛନ୍ତି। ମାତୃ ସେବା ସଙ୍ଘ କେ. ବାଲିପାଳ ଯୁବଗୋଷ୍ଠୀର ସଭାପତି ସୁନାରାମ ପୂର୍ତ୍ତି ଓ ସମ୍ପାଦକ ଜୁରେ ପୂର୍ତ୍ତି କହିଛନ୍ତି, ଦୁନିଆର ସବୁଠାରୁ ଶ୍ରେଷ୍ଠ ପୂଜା ମାତୃ ପୂଜା ଓ ସବୁଠାରୁ ଶ୍ରେଷ୍ଠ ଧର୍ମ ମାନବ ଧର୍ମ। ଜଣେ ମାନବ ଅନ୍ୟଜଣେ ମାନବର ମନକଥାକୁ ବୁଝି ପାରିବା, ଅନ୍ୟର ଦୁଃଖ ଦେଖି ନିଜେ ଦୁଃଖିତ ହେବା, ମଣିଷର ଭଲ ବିଚାରଧାରାକୁ ମାନବ ଧର୍ମ ବୋଲି କହିଛନ୍ତି। ମାଆ ଓ ଶିଶୁର ପବିତ୍ର ସମ୍ପର୍କକୁ ଜୀବିତ କରିବାକୁ ହେଲେ ଜୀବନ୍ତ ଠାକୁର ମାତୃ ଦେବଙ୍କୁ ପୂଜା କରିବାକୁ ହେବ ବୋଲି ଉପସ୍ଥିତ କୁନି କୁନି ପିଲାଙ୍କୁ କହିଥିଲେ। ଗ୍ରାମର ୪୦ ଜଣ ମାତାଙ୍କୁ ନୂତନ ବସ୍ତ୍ର ଓ ଫୁଲମାଳ ଦେଇ ପୂଜାର୍ଚ୍ଚନା କରାଯାଇଥିଲା। ବୁଦ୍ଧିରାମ ପୂର୍ତ୍ତି, ରାଉତ ହୋ, ଚୈତନ ମହାକୁଡ଼, ଦୁର୍ଗା ମହାକୁଡ଼, ମୋଟିରାମ ମହାକୁଡ଼, ଲକ୍ଷ୍ମୀ ମାଝୀ, ସାଉଁରୀ ପୂର୍ତ୍ତି, ମାନି ପୂର୍ତ୍ତି, ପାଲ ହୋ, ପାଲ ଗୋଇପାଇ, ସାନପାଲ ହୋ, କାହାରି ପୂର୍ତ୍ତି, ସାମୁ ପୂର୍ତ୍ତି, ବରଜୁ ହେମ୍ବ୍ରମ, ଜାଉଣୀ ମହାକୁଡ଼, ଶ୍ୟାମସୁନ୍ଦର ପୂର୍ତ୍ତି, ଶିବନାରାୟଣ ପୂର୍ତ୍ତି, ମେଚ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

## ପଣ୍ଡିତ ଉମାକାନ୍ତ ସୁବେଦୀ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

କପ୍ତିପଦା, ୧୦।୫ (ସମିସ): କପ୍ତିପଦା ବ୍ଲକ୍ ନୁଦଡ଼ିହା ଅଞ୍ଚଳର ବରିଷ୍ଠ ସମାଜସେବୀ, କର୍ମକାଣ୍ଡବିତ୍, ସଂସ୍କୃତ ଶିକ୍ଷକ ଉମାକାନ୍ତ ସୁବେଦୀ ମହାପାତ୍ରଙ୍କ ପରଲୋକ ଘଟିଛି। ନୁଦଡ଼ିହା ଗ୍ରାମରେ ଜନ୍ମଗ୍ରହଣ କରିଥିବା ଉମାକାନ୍ତ ଲାଲବାହାଦୂର ଉଚ୍ଚ ବିଦ୍ୟାଳୟରୁ



ମ୍ୟାଟ୍ରିକ୍, ବାରିପଦାସ୍ଥ ସରକାରୀ ସଂସ୍କୃତ ବିଦ୍ୟାଳୟରୁ ଉପଶାସ୍ତ୍ରୀ, ସୋର କେଦାରପୁରସ୍ଥ ସଂସ୍କୃତ ମହାବିଦ୍ୟାଳୟରୁ ଶାସ୍ତ୍ରୀ ଓ ଆଚାର୍ଯ୍ୟ ଡ଼ିଗ୍ରୀ ଲାଭ କରିବା ପରେ ଲାଲବାହାଦୂର ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା ଜୀବନ ଆରମ୍ଭ କରିଥିବାବେଳେ ୨୦୧୧ରେ ଅବସର ଗ୍ରହଣ କରିଥିଲେ। ଦୀର୍ଘ ୩୭ ବର୍ଷର ଶିକ୍ଷାଦାନ ସହିତ ଜଣେ କର୍ମକାଣ୍ଡବିତ ଭାବେ ଅଞ୍ଚଳରେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କର ବିୟୋଗରେ ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଶୋକସଭାରେ ଶିକ୍ଷାବିତ୍ ଗଣନାଥ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାଲିକ, ସୁଧାଂଶୁ କୁମାର ଦାଶ, ଗୌରଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ତାଙ୍କ ସହିତ ବିତାଇଥିବା ସ୍ମୃତି, ଛାତ୍ର ବତ୍ସଳତା, କର୍ତ୍ତବ୍ୟନିଷ୍ଠା ସଂପର୍କରେ ଆଲୋକପାତ କରିଥିଲେ। ପୁରାତନ ଛାତ୍ର ଭୋଳାନାଥ ସାହୁ, ବିଦ୍ୟାଧର ଜେନା, ଅଚ୍ୟୁତାନନ୍ଦ ମହାନ୍ତି, ସର୍ବେଶ୍ୱର ରାଉତ, ମନୋରଞ୍ଜନ ମଲ୍ଲିକ, ଗଜେନ୍ଦ୍ର ବେହେରା, ସୁଦର୍ଶନ ରାଉତ, ଯୋଗେନ୍ଦ୍ର ମହାନ୍ତି, ସତ୍ୟ ପଳତା ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସଭା ପ୍ରାରମ୍ଭରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା।

## ସାପ୍ତାହିକ ହାଟରୁ ବାଇକ୍ ଚୋରି

କୁଆମରା,୧୦।୫(ସମିସ): ଖୁଣ୍ଟା ଥାନା ଅନ୍ତର୍ଗତ ଭୋଳାଗୋଡିଆ ସାପ୍ତାହିକ ହାଟରୁ ଏକ ବାଇକ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଏହି ଥାନା ଅନ୍ତର୍ଗତ ନୂଆଗାଁ ଗ୍ରାମର ମେଘନାଥ ବେହେରା (୫୬) ତାଙ୍କ ବାଇକ୍‌କୁ ହାଟ ସମ୍ମୁଖରେ ରଖିଦେଇ ସଉଦା କରିବାକୁ ଯାଇଥିଲେ। ଅଧ ଘଣ୍ଟାଏ ପରେ ଫେରିବା ବେଳକୁ ସେଠାରେ ବାଇକ୍ ନ ଥିଲା। ଖୋଜାଖୋଜି କରି ନ ପାଇବା ପରେ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୁଲିସ ତଦନ୍ତ କରୁଛି।

## ବିସ୍ଥାପିତ କଲୋନୀରେ ନାମଯଜ୍ଞ

ନାରଦପୁର,୧୦।୫(ସମିସ): ଯୋଡ଼ା ବ୍ଲକ୍ ଅନ୍ତର୍ଗତ ବିରିକଲା ଗ୍ରାମପଞ୍ଚାୟତ ଧୋବଲାବେଡ଼ା ବିସ୍ଥାପିତ କଲୋନୀରେ ଅଷ୍ଟପ୍ରହରୀ ନାମଯଜ୍ଞ ଆଜି ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପୋଖରୀରୁ ୧୦୮ କଳସ ଶୋଭାଯାତ୍ରା ଯଜ୍ଞ ମଣ୍ଡପକୁ ଅଣାଯାଇ ପୂଜକ ଦେବାଶିଷ ପଣ୍ଡାଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ଏହି ନାମଯଜ୍ଞରେ ଝାଡଗାଁ, ନାରଦପୁର, ଅସେଇଁକଲା ଗ୍ରାମର ସଙ୍କୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ କମିଟିର କବି ନାଏକ, ଭାରତ ନାଏକ, ଅଛଗ ନାଏକ, ଘାସିନାଥ ନାଏକ, ଡୁଗୁ ନାଏକ, ଶିବ ସାମଡ, ସଚିନ ସାମାଡ, ରଞ୍ଜନ ନାଏକ, କେଶବ କୁମାର ନାୟକ, ଫୁଲମଣି ନାଏକ, ସମବାରୀ ମୁଣ୍ଡା, ଦେବକୀ ନାଏକ, ମନ୍ଦ ନାଏକ, ପଦ୍ମିନୀ ନାଏକ, ପିଙ୍କି ନାଏକ, ନମିତା ନାଏକଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ।



### ବଢ଼ିବାରେ ଲାଗିଛି ବନ୍ୟଜନ୍ତୁଙ୍କ ଆତଙ୍କ

## ବନ୍ୟଜନ୍ତୁଙ୍କ ଉପଦ୍ରବରେ ଅଞ୍ଚଳବାସୀ ଅତିଷ୍ଠ

- ଚାଷରୁ ମୁହଁ ଫେରାଉଛନ୍ତି ଲୋକେ
- ଜଙ୍ଗଲରେ ମିଳୁନି ଖାଦ୍ୟ, ହେଉଛନ୍ତି ଜନବସତି ମୁହାଁ

ମୋରଡ଼ା,୧୦।୫(ସମି): ଜଙ୍ଗଲରେ ରହୁଥିବା ହାତୀ, ମାଙ୍କଡ଼ ଆଦି ବନ୍ୟଜନ୍ତୁ ଗ୍ରାମାଞ୍ଚଳର ବିଲରେ ଚାଷ ହେଉ ବା ଉଦ୍ୟାନ ଚାଷ, ଏସବୁ ଚରାଭୂଇଁରେ ପରିଣତ କଲେଣି। ଗାଈଗୋରୁ, ଛେଳିମେଣ୍ଢା ବୁଲିବା ଭଳି ଏମାନେ ଦିନରାତି ବିଲବାଡ଼ି, ବଗିଚାରେ ବୁଲୁଛନ୍ତି। ସେମାନଙ୍କ ଉପଦ୍ରବରେ ଧାନଚାଷ, କାଜୁ, ଆମ୍ବ, ପଣସ ଆଦି ଉଦ୍ୟାନ ଚାଷ ଉଜୁଡ଼ିବାରେ ଲାଗିଛି। ସେମାନଙ୍କ ଭୟରେ ଲୋକେ ଜୀବିକା ଛାଡି ଦାଦନ ପାଇଁ ଅନ୍ୟ ରାଜ୍ୟକୁ ଯାଉଥିବା ଦେଖିବାକୁ ମିଳିଛି। ଦିନରେ ହେଉ ବା ରାତିରେ ଘରୁ ବାହାରିବାକୁ କିମ୍ବା କାମଧନ୍ଦା ସାରି ଘରକୁ ଫେରିବାକୁ ଲୋକେ ଆତଙ୍କିତ। ଏଭଳି ସମସ୍ୟାକୁ ନେଇ ବର୍ଷ ବର୍ଷ ଧରି ଆତଙ୍କିତ ଜୀବନଯାପନ କରିବାକୁ ପଡୁଛି ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ମୋରଡା ବ୍ଲକ୍‌ର ହଳଦୀପାଳ, ସାନମୁଣ୍ଡାବଣି, ଚିତ୍ରଡା ଓ ଦୁର୍ଗାପୁର, ଗଡ଼ିଗାଁ ପଞ୍ଚାୟତରେ ସଂରକ୍ଷିତ ଜଙ୍ଗଲ ରହିଥିବାବେଳେ ବର୍ଷତମାମ ହାତୀପଲ ଏକ ପ୍ରକାର ଘର କରି ସାରିଲେଣି। ମାଳମାଳ ହାତୀ ସମ୍ପୃକ୍ତ ଗ୍ରାମାଞ୍ଚଳରେ ସକାଳୁ ରାତି ଯାଏ ବୁଲୁଛନ୍ତି। ଧାନଚାଷ କରି ତିଷ୍ଠିବା ଏକ ପ୍ରମୁଖ ସମସ୍ୟା ହୋଇଛି। କାଜୁ, ଆମ୍ବ, ପଣସ, ତରଭୁଜ ଆଦି ଫଳଚାଷ ମଧ୍ୟ ଉଜୁଡ଼ିଯାଉଛି। ସେହିପରି କଦଳୀ ଚାଷକୁ ମାଙ୍କଡ଼ ନଷ୍ଟ କରିଦେଉଛନ୍ତି। ଧାନ ଚାଷ ହେଉ କି ଫଳମୂଳ ଚାଷ ହେଉ, ବନ୍ୟଜନ୍ତୁଙ୍କ ମୁହଁରୁ ରକ୍ଷା କରିବା କଷ୍ଟକର ହୋଇପଡୁଛି। ଯେଉଁଥିପାଇଁ ଚାଷରେ ବହୁତ କ୍ଷତି ହେଉଥିବାରୁ ଲୋକେ ଏଥିରୁ ବିମୁଖ ହେଲେଣି। ଏଥିପ୍ରତି ବନ ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି।

### ■ ରାଇରଙ୍ଗପୁର କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ

## ୮୧ଟି ମାମଲାର ହେଲା ଶୁଣାଣି

ରାଇରଙ୍ଗପୁର,୧୦।୫(ସମିସ): ରାଇରଙ୍ଗପୁର କୋର୍ଟ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ୮୧ଟି ମାମଲାର ଶୁଣାଣି କରାଯାଇ ୩୬ଟି ମାମଲାର ଆଶୁ ସମାଧାନ କରାଯାଇଛି। ଏଡିଜେ କୋର୍ଟରେ ୮ଟି ଏମସିଟି ମାମଲା ମଧ୍ୟରୁ ଶୂନ୍ୟ କାର୍ଯ୍ୟାନୁଷ୍ଠାନ, ଡିଗ୍ରିଜାରି ମାମଲା ୧ଟି, ସିନିୟର ସିଭିଲ ଜଜ୍ କୋର୍ଟରେ ବ୍ୟାଙ୍କ ପରିଶୋଧ ମାମଲା ୮ଟି ମଧ୍ୟରୁ ଶୂନ୍ୟ, ବୈବାହିକ ବିବାଦ ମାମଲା ୯ଟି ମଧ୍ୟରୁ ୩ଟି, ଅନ୍ୟ ଦେୱାନି ମାମଲା ୧୭ଟି ମଧ୍ୟରୁ ୧ଟି, ଏସ୍‌ଡିଜେ କୋର୍ଟରେ ବୈବାହିକ ବିବାଦ ୨ଟି, ଅନ୍ୟାନ୍ୟା ସମାଧାନ ଯୋଗ୍ୟ ବିବାଦ ୩୬ଟି ଆଶୁ ସମାଧାନ ମାମଲା ୨୮ଟି, ଜେଏମଏଫସି କୋର୍ଟରେ ଚେକ୍ ବାଉନ୍ସ ମାମଲା ୩ଟି ମଧ୍ୟରୁ ଶୂନ୍ୟ ଓ ବୈବାହିକ ବିବାଦ ୫ଟି ମଧ୍ୟରୁ ୧ଟି ସମାଧାନ କରାଯାଇଥିଲା। ଉକ୍ତ ଲୋକ ଅଦାଲତରେ ଏଡିଜେ ଡ. ଭି ସୁଜାତା, ସିନିୟର ସିଭିଲ୍ ଜଜ୍ ଆଲୋକ ପଣ୍ଡା, ଏସିଜେଏମ୍ ମନୀନ୍ଦ୍ର ଭୂଷଣ ସାହୁ ଓ ଜେଏମ୍‌ଏଫସି ଚେତନା ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ ଆଇନଜୀବୀ ପରିଚାଳନାରେ ସହଯୋଗ କରିଥିଲେ।

## ନାବାଳିକା ଅପହରଣ ଅଭିଯୋଗ

କୁଆମରା, ୧୦।୫(ସମିସ): ଖୁଣ୍ଟା ଥାନା ଅନ୍ତର୍ଗତ ଭୋଳାଗଡ଼ିଆ ଅଞ୍ଚଳର ଜଣେ ୧୭ ବର୍ଷୀୟ ନାବାଳିକାଙ୍କୁ ଉଦଳା ଥାନା ଅଞ୍ଚଳର ଜଣେ ଯୁବକ ଅପହରଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ନାବାଳିକାଙ୍କ ବାପା ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଥାନାରେ ୧୨୧/୨୬ରେ ଏକ ମାମଲା ରୁଜୁ ହୋଇଛି।

## ବୃଦ୍ଧାଙ୍କ ଘରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ



ମହୁଲଡିହା,୧୦।୫(ସମିସ): ଠାକୁରମୁଣ୍ଡା ବ୍ଲକ ରୁଗୁଡିବେଡା ଗ୍ରାମ (ତେନ୍ତେଳାସାହି)ର ୱାର୍ଡନଂ ୭ରେ ଦୁଲି ନାଏକ (୭୦)ଙ୍କ ଚାଳଘରେ କେହି ଦୁର୍ବୃତ୍ତ ନିଆଁ ଲଗାଇଦେଇଛି। ଦୁଲି ନାଏକ ଗତକାଲି ରାତିରେ ୩ ନାତିନାତୁଣୀଙ୍କ ସହିତ ଶୋଇଥିବା ଅବସ୍ଥାରେ ଘରର ପଛପଟେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ। ନିଆଁ ଧୂଆଁରେ ନାତୁଣୀର ନିଦ ଭାଙ୍ଗିଯାଇଥିଲା। ସେମାନେ ଜାଣିପାରି ଘରୁ ବାହାରି ଆସି ଗ୍ରାମବାସୀଙ୍କୁ ଡାକିଥିଲେ। ଗ୍ରାମବାସୀଙ୍କ ସହଯୋଗରେ ରାତି ପ୍ରାୟ ୩ଟାରେ ନିଆଁ ଲିଭାଇବା ପରେ ଠାକୁରମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ଠାକୁରମୁଣ୍ଡା ଥାନା ପୁଲିସ ରାତିରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆଜି ସକାଳେ ଠାକୁରମୁଣ୍ଡା ସରପଞ୍ଚ ସୁଜିତ କୁମାର ଲୁଗୁନ ପହଞ୍ଚି ପରିବାର ଲୋକଙ୍କୁ ସାନ୍ତ୍ୱନା ଦେବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ରାଜ୍ୟ କୃଷକ ସ୍ୱାଭିମାନ ଯାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




ତେଲକୋଇ, ୧୦।୫(ସମିସ): ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଚଳିତ ମାସ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟ କୃଷକ ସ୍ୱାଭିମାନ ଯାତ୍ରା ଚାଲିଥିବା ବେଳେ ତେଲକୋଇ ବ୍ଲକରେ ସଂଗଠନ କର୍ମକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ସଂଗଠନର ରାଜ୍ୟ ସଂଯୋଜକ ଅକ୍ଷୟ କୁମାର, ଯୁବ ସଭାପତି ମନୋହର ଅଲ୍ଲୀ, ରାଜ୍ୟ ପ୍ରଭାରୀ ଡ଼ଃ କୁଳମଣି ତେଲକୋଇ ଦେଇ କେନ୍ଦୁଝର ଯାଉଥିବା ବେଳେ ତେଲକୋଇ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ତେଲକୋଇ ବଜାର ମଣ୍ଡପରେ ଏକ ସଭାରେ କେନ୍ଦୁଝର ଜିଲ୍ଲା ନବନିର୍ମାଣ କୃଷକ ସଂଗଠନର ଜିଲ୍ଲା ସଂଯୋଜକ ଲକ୍ଷ୍ମୀଧର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଧନୁର୍ଜୟ ସିଦ୍ଧୁଙ୍କୁ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ତେଲକୋଇ ନବ ନିର୍ମାଣ କୃଷକ ସଂଗଠନର ସଦସ୍ୟ ବାବୁଲାଲ ପ୍ରଧାନ, ନାରାୟଣ ପ୍ରଧାନ, ଇନ୍ଦ୍ରମଣି ବିଶ୍ୱାଳ, ସୈଳେନ୍ଦ୍ର ପ୍ରଧାନ, ହଟକିଶୋର୍ ସାହୁ, ଚୈତନ୍ୟ ପ୍ରଧାନ, ଗୌରହରି ପ୍ରଧାନ, ସୁରେଶଚନ୍ଦ୍ର ବିଶ୍ୱାଳ, ନିମାଇଁ ଚରଣ ପ୍ରଧାନ ଦିଲୀପ କୁମାର ସାହୁଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ବେଲରେ ରହିଛି ଔଷଧୀୟ ଗୁଣ

# ସ୍ଥାନ ମାଡ଼ିବସିଛି ମୃଦୁ ପାନୀୟ



ବଡ଼ସାହି,୧୦।୫(ସମିସ): ପଣା ସଂକ୍ରାନ୍ତି ଦିନଟି ଓଡ଼ିଆ ନବବର୍ଷ ତଥା ବୈଶାଖ ମାସର ପ୍ରଥମ ଦିନ। ଏହି ଦିନ ପ୍ରତି ଓଡ଼ିଆ ଘରେ ଠାକୁରଙ୍କ ନିକଟରେ ପଣା ଭୋଗ ଲାଗି ହେବା ପରମ୍ପରା ରହିଛି। ଘରେ ଘରେ ପଣା ପ୍ରସ୍ତୁତ ହୋଇଥାଏ। ବେଲର ଔଷଧୀୟ ଗୁଣ ରହିଛି। ଏହା ଶରୀର ପାଇଁ ହିତକର। ତେବେ ବଜାରରେ ମିଳୁଥିବା ମୃଦୁ ପାନୀୟର ବହୁଳ ବ୍ୟବହାର ଯୋଗୁଁ ଏବେ ପ୍ରକୃତିଦତ୍ତ ବେଲର ଚାହିଦା କମିବାକୁ ବସିଛି। ଫଳରେ ବେଲ ବ୍ୟବସାୟ କରି ପରିବାର ଚଳାଉଥିବା ବେପାରୀ ଏହି ବ୍ୟବସାୟଠାରୁ ଦୂରେଇ ଯାଉଛନ୍ତି।

ଋତୁ ଅନୁଯାୟୀ ଗ୍ରାମ୍ୟ ଜଙ୍ଗଲ ଓ ଘରବାଡ଼ିରୁ ମିଳୁଥିବା ଫଳ ମଧ୍ୟରେ ବେଲ ଅନ୍ୟତମ ଓ ବହୁତ ଉପକାରୀ। ଚୈତ୍ର ମାସ ଶେଷ ଆଡ଼କୁ ବେଲ ପାଚିଥାଏ। ବେଲର ଉପକାରିତା ଅଧିକ ଥିବାରୁ ଲୋକେ ଏହାକୁ ଖାଦ୍ୟ ଓ ପାନୀୟ ଭାବେ ବ୍ୟବହାର କରିଥା'ନ୍ତି। ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ନେଇ ପଣା ସଂକ୍ରାନ୍ତିରେ ଘରେ ଘରେ ଗୁଡ଼, ଛେନା, କଦଳୀ, ଅଦା, ନଡ଼ିଆ, ଗୋଲମରିଚ ଓ ଭୋଗ ଅର୍ପଣ କରିବା ବିଧି ରହିଛି। ତେବେ ବଜାରରେ ମିଳୁଥିବା ରସାୟନିକ ଥଣ୍ଡା ମୃଦୁ ପାନୀୟର ବହୁଳ ବ୍ୟବହାର ଯୋଗୁଁ ବେଲର ଚାହିଦା କମିବାକୁ ବସିଛି। ପରିଶ୍ରମ ଅନୁସାରେ ଉଚିତ ମୂଲ୍ୟ ମିଳୁ ନ ଥିବାରୁ ବହୁ ଲୋକ ବେଲ ବେପାରରୁ ମୁହଁ ଫେରାଇ ନେଉଛନ୍ତି। ବେପାରୀ ରମେଶ ମହାନ୍ତି କହିଛନ୍ତି, ବଜାରରେ ବେଲର ଚାହିଦା ଥିଲେ ମଧ୍ୟ ଏହା ସ୍ୱଳ୍ପ ପରିମାଣରେ ଏବେ ମିଳୁଛି। ଗୋଟିଏ ବେଲ ୫/୧୦ ଟଙ୍କାରେ ବିକ୍ରି ହେଉଛି। ଆୟୁଷ ଡାକ୍ତର ସନତ ଦାଶଙ୍କ କହିବା ଅନୁସାରେ, ବେଲପଣା ପାନ କଲେ ଶରୀରର ଜଳଶୁଷ୍କତା ଦୂର ହୋଇଥାଏ। ଦେହକୁ ଫୁର୍ତ୍ତି ଲାଗେ। ବେଲରେ ଥିବା ଔଷଧୀୟ ଗୁଣ ସ୍ୱାସ୍ଥ୍ୟ ପକ୍ଷେ ହିତକର। ଖରାଦିନରେ ଲୋକମାନେ ବେଲକୁ ପଣା କରି ପାନ କରନ୍ତି। ବେଲକୁ ପୋଡ଼ି ବା ଶୁଖାଇ ଖାଇଲେ ପେଟ ରୋଗ ଭଲ ହୋଇଥାଏ। ସେହିପରି ପାଚିଲା ବେଳକୁ ଖାଇଲେ କୋଷ୍ଠକାଠିନ୍ୟରୁ ଉପଶମ ମିଳିଥାଏ। ବେଲପତ୍ର ଖାଇଲେ ଏସିଡିଟି ଭଳି ରୋଗ ଦୂର ହୋଇଥାଏ। ଦିନ ଥିଲା ଗାଁ ଦାଣ୍ଡରୁ ପ୍ରଚୁର ମାତ୍ରାରେ ବେଲ ମିଳୁଥିଲା। ପାଉଁଶିଆ ଗ୍ରାମର ପାଖାପାଖି ୫୦ରୁ ଊର୍ଦ୍ଧ୍ୱ ବେପାରୀ ବେଲ ସଂଗ୍ରହ କରି ବିକୁଥିବାବେଳେ ଏବେ ସେଥିରୁ ଦୂରେଇ ଗଲେଣି। କଣ୍ଟା ଭର୍ତ୍ତି ବେଲ ଗଛରେ ଚଢି ବେଲ ତୋଳି ବିକ୍ରି କରିବା ପରିଶ୍ରମ ଅନୁସାରେ ଅର୍ଥ ମିଳୁ ନ ଥିବା ଶିଆଳିଘାଟୀ ଗ୍ରାମର ବେପାରୀ ମକର ସିଂ କହିଛନ୍ତି। ଶିମିଳିପାଳ ପାଦଦେଶରେ ଥିବା ଯଦୁନାଥପୁର ଗ୍ରାମର ମିଥୁନ ସିଂ କୁହନ୍ତି, ଜଙ୍ଗଲରେ ଆଉ ବେଲଗଛ ଦେଖିବାକୁ ମିଳୁନାହିଁ। ଜାଳେଣି କାଠ ଅଭାବରୁ ଲୋକମାନେ ଏହାକୁ କାଟି ସଫା କରିଦେଉଛନ୍ତି। ପୂଜକ ଅକ୍ଷୟ କୁମାର ଆଚାର୍ଯ୍ୟ କୁହନ୍ତି, ବେଲଗଛର ପତ୍ର ଦେବତାଙ୍କ ନିକଟରେ ଅର୍ପଣ କରାଯାଏ। ଶୁଭ କର୍ମରେ କଳସ ଉପରେ ନଡ଼ିଆ ସ୍ଥାନରେ ବେଲକୁ ରଖାଯାଇ ପୂଜାର୍ଚ୍ଚନା କରାଯାଇଥାଏ। ପାର୍ବଣ ସମୟରେ ବେଲଗଛକୁ ପୂଜା କରି ବିଲ୍ୱାଧିବାସ ବା ବିଲ୍ୱବରଣ କରାଯାଇଥାଏ। ତେବେ ବେଲର ଚାହିଦା କମିଯିବାରୁ ଲୋକମାନେ ଏହାକୁ କାଟି ଦେଉଛନ୍ତି। ଫଳରେ ପାଚିଲା ବେଲ ଏବେ ଦୁର୍ଲଭ ହେଲାଣି। ଦୁର୍ଲଭ ହେଉଥିବା ଫଳମୂଳ ନିମନ୍ତେ ସରକାରୀ ସ୍ତରରେ ସ୍ୱତନ୍ତ୍ର ବଜାର ସୃଷ୍ଟି କଲେ, ପ୍ରକୃତିଦତ୍ତ ଏହି ଫଳ ଖାଇବାକୁ ଲୋକମାନେ ସୁଯୋଗ ପାଇବା ସହିତ ବେପାରୀଙ୍କ ପରିବାରର ଗୁଜୁରାଣ ମେଣ୍ଟାଇ ପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

